ସମ୍ବାଦ

# କେନ୍ଦ୍ର ସାହିତ୍ୟ ଅକାଦେମିର ଦୁଇଦିନିଆ କାର୍ଯ୍ୟକ୍ରମ

# 'ସ୍ୱାଧୀନତା ଆନ୍ଦୋଳନରେ ଓଡ଼ିଆ ସାହିତ୍ୟର ଅବଦାନ' ଶୀର୍ଷକରେ ଆଲୋଚନା

ଭୁବନେଶ୍ୱର,୭/୮(ଇମିସ): ଆସନ୍ତା ୧୦ ଓ ୧୧ ଦୁଇଦିନ ଧରି କେନ୍ଦ୍ର ସାହିତ୍ୟ ଅକାଦେମି ଏବଂ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗ ମିଳିତ ଆନୁକୂଲ୍ୟରେ 'ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆ ସାହିତ୍ୟର ଅବଦାନ' ବିଷୟବସ୍ତୁ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ବହୁ ପ୍ରତିଷ୍ଠିତ ସାହିତ୍ୟିକ ଏଥିରେ ଯୋଗଦେଇ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଆଲୋଚନାରେ ଅଂଶଗ୍ରହଣ କରିବେ।

୧୦ ତାରିଖରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମ ସମିତି ଯୁବ ଶାଖାର ସଭାପତି ଭର୍ତ୍ତୃହରି ମହତାବ, ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ସବିତା ଆଚାର୍ଯ୍ୟ, କେନ୍ଦ୍ର ସାହିତ୍ୟ ଅକାଦେମି ସଚିବ କେ. ଶ୍ରୀନିବାସ ରାଓ, ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ନବନୀତା ରଥ ଓ କୁଳସଚିବ କାହ୍ନୁଚରଣ ଧୀର, ସ୍ନାତକୋତ୍ତର ଓଡ଼ିଆ ବିଭାଗ ସଂଯୋଜକ ରମେଶ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେବେ। ଏଥିରେ ସଭାପତିତ୍ୱ କରିବେ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଗୌରହରି ଦାସ।

ଏହାପରେ ଓଡ଼ିଆ ଉପନ୍ୟାସ, ଓଡ଼ିଆ ଗୀତ ଓ କବିତା, ଓଡ଼ିଆ ନାଟକ, ଓଡ଼ିଆ ଗଳ୍ପ ଏବଂ ଓଡ଼ିଆ ପ୍ରବନ୍ଧ ଓ ପତ୍ରପତ୍ରିକା ଉପରେ ପୃଥକ୍ ଭାବେ ଆଲୋଚନାମାନ ଅନୁଷ୍ଠିତ ହେବ। ଏହିସବୁ କାର୍ଯ୍ୟକ୍ରମରେ ବିଭୂତି ପଟ୍ଟନାୟକ, ଅମରେଶ ପଟ୍ଟନାୟକ, ବିଜୟ କୁମାର ଶତପଥୀ, ବୈଷ୍ଣବ ଚରଣ ସାମଲ, ଯତୀନ୍ଦ୍ର କୁମାର ନାୟକ, ଅଭିରାମ ବିଶ୍ୱାଳ ପ୍ରମୁଖ ଯୋଗଦେବେ। ଭୁବନେଶ୍ୱରସ୍ଥିତ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବବୋଲି ଅକାଦେମି ପକ୍ଷରୁ କୁହାଯାଇଛି।

BHUBANESWAR Edition
Page No.12 August 08, 2023